# Akashvani, Sambalpur

## SAMBALPURI NEWS EVENING BULLETIN

## 10 January 2026 - 7.02 pm- 7.12 pm.

*********************************************

୧- ସମ୍ବଲ୍‌ପୁର୍ ନ ୯ ଶହ ୪୮ କୋଟିନୁ ଅଏତ୍‌କା ଟଙ୍କାରେ୍ ୨୫ ଟା ଉନ୍ନୟନ୍ ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

- ସହର୍ ନ ୨୫ ଟା ଇ-ବସ୍ ଶୁଭାରମ୍ଭ ସହେତେ ଅଇଁଠାପାଲି ନ କୁଟ୍‌ର ବସ୍ ଟର୍ମିନାଲ୍ ହେଲା ଉଦ୍‌ଘାଟିତ୍ ।

୨- ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ମୁଲ୍ ହେଉଛେ ଶିଶିର ସରସ ମେଳା ।

ଆଉର୍

୩- ହିନ୍ଦୀ ଭାଷାକେ ବୈଷୟିକ ଆଉ କୃତିମ ବୁଦ୍ଧିମତା ସାଙ୍ଗେ ଜୁଡ଼୍‌ବାର୍ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ହିନ୍ଦୀ ଦିବସ୍ ।

ମୁଖ୍ୟମନ୍ତ୍ରୀ- ସମ୍ବଲ୍‌ପୁର୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ଦୁଇ ଦିନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିଛନ୍ । ଇ ଅବ୍‌ସରେ ବୁର୍ଲା ପିଏମ୍‌ଶ୍ରୀ ବିଦ୍ୟାଳୟ ପଡ଼ିଆ ନ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଲାଗି ୯ ଶହ ୪୮ କୋଟିନୁ ଅଏତ୍‌କା ଟଙ୍କାର୍ ୨୫ ଟା ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍  ଉଦ୍‌ଘାଟନ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ହୀରାକୁଦ୍ ଡେମ୍ ମାଷ୍ଟର୍ ପ୍ଲାନ୍, କର୍ଡୋଲା ହସ୍ତତନ୍ତ ଗାଁର୍ ବିକାଶ୍ ପ୍ରକଳ୍ପ, ବୁର୍ଲା ରିଂରୋଡ଼୍, ହୀରାକୁଦ୍ ରିଂରୋଡ଼୍, ମୁଡ଼ୋଘାଟ୍‌ନୁ ଚାଉଁର୍‌ପୁର୍‌କେ ରାସ୍ତା, ରେମେଡ଼୍-ହୀରାକୁଦ୍ ୪ ଥାକିଆ ରାସ୍ତାର୍ ଶିଳାନ୍ୟାସ୍ ହେଇଛେ । ଭୋଜ୍‌ପୁର୍-ଜମେନ୍‌କିରା ରାସ୍ତାର୍ ପ୍ରଶସ୍ତିକରଣ୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ଲୋକାର୍ପଣ୍ କରିଛନ୍ । ଇ ଅବ୍‌ସରେ ୩ ଟା ଆଦର୍ଶ ବିଦ୍ୟାଳୟର୍ ଛାତ୍ରୀନିବାସ୍ ଲୋକାର୍ପିତ୍ ହେଇଛେ । ଧାନ୍ ମଣ୍ଡିର୍ ସମସ୍ୟାକେ ଦୂର୍ କର୍‌ବାର୍ ଲାଗି ଜମେନ୍‌କିରା-ବାଟଗାଁ ଲେମ୍ପସର ୨୫ ଶହ ମେଟ୍ରିକ୍‌ଟନ୍‌ର ୨ ଟା ଗୁଦାମ୍‌ଘର୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ଲୋକାର୍ପଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଗୁଟେ ଜନସଭାକେ ସମ୍ବୋଧିତ୍ କରିକରି କହିଛନ୍...

(ଭିଏସ୍ ଓଭର୍- ମୁଖ୍ୟମନ୍ତ୍ରୀ-ବୁର୍ଲା)

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍, ମା’ ସମଲେଇଙ୍କର୍ ମନ୍ଦିର୍‌ର ବିକାଶ୍ ଲାଗି ୩ ଶହ ୧୬ କୋଟି ଟଙ୍କା ବିନିଯୋଗ୍ ସହେତେ ରିଭର୍‌ଫ୍ରଂଟ୍ ଉନ୍ନତିକରଣ୍ କାମ୍ ୨ ଟା ଖେପେ ହେଉଛେ ।

ପହେଲା ଖେପେ ମନ୍ଦିର୍ ଚାର୍‌ହିଆଡ଼ର୍ କରିଡର୍ ତିଆରି, ପାର୍କିଂ ସୁବିଧା ବାଗିର୍ ବିକାଶ୍‌ମୂଲକ୍ କାମ୍ ରହିଛେ ।

ଦୁଇନମ୍ବର୍ ଖେପେ ଭକ୍ତନିବାସ୍, ଦୁକାନ୍‌ଘର୍ ଆଉ ପ୍ରବେଶ୍ ପଥ୍‌କେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ମହାନଦୀ ରିଭର୍‌ଫ୍ରଂଟ୍ ଡେଭଲପ୍‌ମେଂଟ୍ ଯୋଜ୍‌ନାଥି ଶହେ ୬୦ କୋଟି ଟଙ୍କା ଖର୍ଚ୍ଚାଥି ମହାନଦୀ ଖଁଡ଼ିର ମନ୍ଦ୍‌ଲିଆନୁ ଚାଉଁର୍‌ପୁର୍‌ତକ୍ ବିକାଶ୍ କରାଯାଉଛେ । ଇଥି ପାର୍କ, ଜିମ୍, ଆଲ୍‌ତୀ ଘାଟ୍ ଆଉ ଶୌଚାଳୟ କରାଯିବା ।

ସେଆଡ଼େ ଆଏଜ୍ ସଖାଲ୍‌ବେଲା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମଲେଇ ମନ୍ଦିର୍ ଯାଇକରି ମା'ଙ୍କର୍ ଦର୍ଶନ୍ କରିଛନ୍ । ଇତାର୍‌ସହେତେ ସହର୍ ନ ଯା'ଆସ୍ ସୁବିଧା ଲାଗି ମୁଖ୍ୟମନ୍ତ୍ରୀ ୨୫ଟା ନୂଆଁ ଇ-ବସ୍‌କେ ପତ୍‌କା ଦେଖେଇକରି ଶୁଭାରମ୍ଭ କରିଛନ୍ । ଇ ମାସର୍ ଶେଷ୍‌ତକ୍ ଆଉ ୨୫ ଟା ବସ୍‌ର ବ୍ୟବସ୍ଥା କରାଯିବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ-ଇ-ବସ୍)

ଇ-ବସ୍ ମାନ୍‌କର୍ ପରିଚାଲନାକେ ବିକଶିତ୍ କର୍‌ବାର୍ ଲାଗି ଅଇଁଠାପାଲି ଠାନେ କେପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ- କ୍ରୁଟ୍‌ର ଅତ୍ୟାଧୁନିକ୍ ବସ୍ ଟର୍ମିନାଲ୍ ଭିଲ୍ ଉଦ୍‌ଘାଟିତ୍ ହେଇଛେ । ଇତାର୍‌ସହେତେ ଆଏବା ୧୦ ବଛର୍ ଲାଗି ଟର୍ମିନାଲ୍ ଆଉ ବସ୍ ମାନ୍‌କର୍ ଦେଖ୍‌ରେଖ୍ ଲାଗି ୨ ଶହ ୩୮ କୋଟି ୧୪ ଲାଖ୍ ଟଙ୍କାର୍ ବ୍ୟବସ୍ଥା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍,

ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଆଉ ଅଲ୍‌ଗା ଅତିଥି ମାନେ ଉପସ୍ଥିତ୍ ଥିଲେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ          ହି.ସ.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ୍ ମେଳା-୨୦୨୬ କେ ଉଦ୍‌ଘାଟନ୍ କରିଛନ୍ । ମେଳାଥି ଓଡ଼ିଶାର୍ ୧୮୫୭ ସଂଗ୍ରାମ୍‌ର ଆଲୋଚନା ନାଇଁ ହେଇଥିବା ଅଧ୍ୟାୟ - କୁଦୋପାଲି ଉପ୍‌ରେ ଖାସ୍ ଜୋର୍ ଦିଆଯାଇଛେ । ଇ ଅବ୍‌ସରେ କୁଦୋପାଲିର୍ ସଂଘର୍ଷ ଉପ୍‌ରେ ତିଆର୍ ହେଇଥିବା ଗୁଟେ ଖାସ୍ ଭିଡ଼ିଓ ପ୍ରଦର୍ଶିତ୍ ହେଇଛେ । ଇତାର୍‌ସହେତେ 'ଦି ସାଗା ଅଫ୍ କୁଦୋପାଲି-ଦ ଅନସଙ୍ଗ୍ ଷ୍ଟୋରି ଅଫ୍-୧୮୫୭' ବହିକେ ସ୍ୱାନିସ୍ ସହେତେ ୧୦ ଟା ଆଂଚଲିକ୍ ଭାଷାଥି ଉନ୍ମୋଚନ୍ କରାଯାଇଛେ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ୧୮୫୭ ମସିହା ଡିସେମ୍ବର୍ ମାସର୍ ୩୦ ତାରିଖ୍ ଦିନ କୁଦୋପାଲିର ରଣଭୂମିଥି ୫୩ ଝନ୍ ସଂଗ୍ରାମୀ ସହୀଦ୍ ହେଇଥିଲେ । ଇତାର୍ ଉତ୍‌ରୁ ଆଉ ୪ ଝନ୍ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା । ଇ ବହି ଉନ୍ମୋଚନ୍ ଭାରତ୍‌ର ସଂଗ୍ରାମୀ ଇତିହାସ୍‌କେ ବିଶ୍ୱ ଦର୍‌ବାର୍‌ଥି ଗୁଟେ ନୂଆଁ ପରିଚୟ ଦେବା । ଇ ପଦ୍‌କ୍ଷେପ୍ ଲାଗି ନୂଆଁ ପିଢ଼ିର୍ ପିଲାମାନେ

ନିଜର୍ ମାଟିର୍ ବୀରତ୍ୱ ଆଉ ସଂଘର୍ଷ ବାବ୍‌ଦେ ଜାନ୍‌ବାର୍‌କେ ସୁଯୋଗ୍ ପାଏବେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଶିଶିର ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ଶିଶିର ସରସ ମେଳା -୨୦୨୬ ମୁଲ୍ ହେଇଛେ । ଆଉ କିଛି ସମିଆ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମେଳାକେ ଆନୁଷ୍ଠାନିକ୍ ଭାବେ ଉଦ୍‌ଘାଟନ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ଇ ମେଳାଥି ରାଜ୍ୟ ଆଉ ରାଜ୍ୟବାହାରୁ ଆସିଥିବା ସାଂସ୍କୃତିକ୍ ଦଲ୍‌ମାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କର୍‌ବେ । ଇ ମେଳା ଆଏବା ୧୭ ତାରିଖ୍ ଶନିବାର୍ ତକ୍ ଚାଲ୍‌ବା ।

ହିନ୍ଦୀ ଦିବସ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ହିନ୍ଦୀ ଦିବସ୍‌ର ବାର୍ତା ହେଉଛେ 'ହିନ୍ଦୀ ଭାଷାକେ ବୈଷୟିକ ଆଉ କୃତ୍ରିମ ବୁଦ୍ଧିମତା ସାଙ୍ଗେ ଜୁଡ଼୍‌ବାର୍' । ହିନ୍ଦୀ ଭାଷା ସରଳ ସମୃଦ୍ଧ

ଭାଷା ହେଇଥିବାର୍‌ନୁ ପୁର୍‌ଥିର୍ ସବୁଠାନୁ ଅଏତ୍‌କା ବେଭାର୍ କରାଯାଉଥିବା ୫ ଟା ଭାଷା ଭିତ୍‌ରେ ଠାନ୍ ପାଇଛେ । ୧୯୭୫ ମସିହାର୍ ଆଝିର୍ ଦିନେ ନାଗ୍‌ପୁର୍ ଠାନେ ହେଇଥିବା ପହେଲା ବିଶ୍ୱ ହିନ୍ଦୀ ସମ୍ମିଲନୀଥି ବିଶ୍ୱ ହିନ୍ଦୀ ଦିବସ୍ ପାଲନ୍ ଲାଗି ପ୍ରସ୍ତାବ୍ ହେଇଥିଲା । ଭାରତ୍ ସର୍‌କାର୍ ୨୦୦୬ ମସିହାନୁ ଫି’ ବଛର୍ ଜାନୁଆରୀ ମାସ ୧୦ ତାରିଖ୍‌କେ ବିଶ୍ୱ ହିନ୍ଦୀ ଦିବସ୍ ଭାବେ ପାଲନ୍ କରୁଛନ୍ । ଭାରତ୍ ଛଡ଼ା ମରିସସ୍, ଫିଜି, ସୁରିନାମ୍, ଗୁଆନା, ତ୍ରିନିଦାଦ୍ ଆର୍ ନେପାଲ୍ ନ ହିନ୍ଦୀ ଭାଷାକେ କଥିତ ଭାଷା ଭାବେ ବେଭାର୍ କରାଯାଏସି ।

ବିମାନ୍ ଦୁର୍ଘଟଣା ଏକ୍ସ/ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଉର୍‌କେଲାନୁ ଭୁବ୍‌ନେଶ୍ୱର୍ ଯାଉଥିବା ଗୁଟେ ବିମାନ୍ ଉଡ଼ାନ୍ ଭର୍‌ବାର୍ କିଛି ସମିଆ ଉତ୍‌ରୁ ଦୁର୍ଘଟଣାଗ୍ରସ୍ତ ହେଇଛେ । ରଘୁନାଥପାଲି ନ ଦୁର୍ଘଟଣାଗ୍ରସ୍ତ ହେଇଥିବା ବିମାନ୍‌ଥି ୯ ଟା ସିଟ୍ ଥିବାର୍ ବେଲେ ୬ ଝନ୍ ଯାତ୍ରୀ ଆହତ୍ ହେଇଛନ୍ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ସୂଚ୍‌ନା ଦେଇଛନ୍ । ଅଗ୍ନିଶମ ବିଭାଗ୍ ତର୍‌ଫୁ ବସିଥିବା ଯାତ୍ରୀମାନ୍‌କୁ ଉଦ୍ଧାର୍ କରିକରି ଡାକ୍ତର୍‌ଖାନାକେ ନିଆଯାଇଛେ । ଦୁର୍ଘଟଣାଥି କାହାରିର୍ ଜୀବନ୍‌ହାନୀ ନାଇଁ ହେଇଥିବାର୍ ସୂଚ୍‌ନା ମିଲିଛେ । ଘଟ୍‌ନାଜାଗାଥି ରାଉର୍‌କେଲା

ଆରକ୍ଷୀ ଅଧିକ୍ଷକ ଆଉ ପର୍ଶ୍ଚିମାଂଚଲ୍ ଡିଆଇଜି ପୁହୁଁଚିକରି ଥିତିର୍ ଯାଂଚ୍ କରିଛନ୍ । ଦୁର୍ଘଟଣାକେ ନେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଖ ପ୍ରକାଶ୍ କର୍‌ବାର୍ ସହେତେ ଆହତ୍‌ମାନ୍‌କର୍ ଆଶୁ ଆରୋଗ୍ୟ କାମନା କରିଛନ୍ ।

ସେଆଡ଼େ ଇ ଦୁର୍ଘଟଣାର୍ କାରଣ୍ ଜାନ୍‌ବାର୍ ଲାଗି ଏୟାର୍‌କ୍ରାଫ୍ଟ ଦୁର୍ଘଟଣା ଅନୁସନ୍ଧାନ୍ ବ୍ୟୁରୋ ବିସ୍ତୃତ୍ ଭାବେ ତଦନ୍ତ କର୍‌ବା ବଲି ସୂଚ୍‌ନା ମିଲିଛେ ।

ଶିକ୍ଷା ଅଧିକାରୀଙ୍କୁ ଚିଠି ହି.ସ.

ବିଦ୍ୟାଲୟମାନ୍‌କୁ ନିୟମିତ୍ ନାଇଁ ଆସୁଥିବା ଛାତ୍ରଛାତ୍ରୀମାନ୍‌କର୍ ଘର୍‌କେ ବିଦ୍ୟାଲୟ କର୍ତ୍ତୃପକ୍ଷ ନିଜେ ଯିବାର୍ ଲାଗି ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଚିଠି ଜରିଏ ଜନେଇ ଦିଆଯାଇଛେ । ହପ୍ତେତକ୍ ଛାତ୍ରଛାତ୍ରୀ, ବିଦ୍ୟାଲୟ ନାଇଁ ଆସ୍‌ଲେ କର୍ତ୍ତୃପକ୍ଷ ସେମାନ୍‌କର୍ ଘର୍‌କେ ଯାଇକରି କାରଣ୍ ପଚ୍‌ରେଇ ବୁଝ୍‌ବାର୍ ଲାଗି ଚିଠିଥି ଲେଖାଯାଇଛେ ।

ଡକ୍ଟର୍ ଶିବାଜୀ ପଣ୍ଡା-ରାଷ୍ଟ୍ରପତିଙ୍କର୍ ନିମନ୍ତ୍ରଣ ସୁବର୍ଣ୍ଣପୁର୍

ଆଏବା ଜାନୁଆରୀ ୨୬ ସାଧାରଣ ତନ୍ତ୍ର ଦିବସ୍ ସମାରୋହଥି ଖାସ୍ ଅତିଥି ଭାବେ ଯୋଗ୍ ଦେବାର୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶିଖା ଇକୋ ଲର୍ଣ୍ଣିଙ୍ଗ ଭିଲେଜ୍ର ପ୍ରତିଷ୍ଠାତା ଡକ୍ଟର୍ ଶିବାଜୀ ପଣ୍ଡାଙ୍କୁ ରାଷ୍ଟ୍ରପତିଙ୍କର୍ ନିମନ୍ତ୍ରଣ୍ ପତ୍ର ମିଳିଛେ । ଜିଲ୍ଲା ନ ଗଲା ୧୨ ବଛର୍ ହେଲା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନ୍କର୍ ଲାଗି ଇ ଶିକ୍ଷାନୁଷ୍ଠାନ୍ ସେ ଥାପ୍ନା କରିଛନ୍ । ଓଡ଼ିଶା ଆଉ ଅଲ୍‌ଗା ରାଏଜୁ ୭୦ ଝନ୍ ଛାତ୍ରଛାତ୍ରୀ ଇନ ସାଙ୍କେତିକ୍ ଭାଷାଥି ଅଧୟନ୍ କରୁଛନ୍ ।

ଭିସୁଟ୍-ଇଞ୍ଜିନୟରିଂ ବିଭାଗ୍ ବାର୍ଷିକୋସ୍ବବ/ସମ୍ବଲପୁର ସମ୍ବାଦଦାତା

ବୁର୍ଲାର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ-ଭିସୁଟ୍ର ଇଲେକ୍ଟ୍ରୋନିକ୍ସ ଆଉ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗ୍ର ୨ ଦିନିଆ ବାର୍ଷିକ୍ ଉସ୍ବବ୍ ହେଇଯାଇଛେ । ଉସ୍ବବ୍ର ପହେଲା ଦିନେ ଟେକ୍ସାସ୍ ବିଶ୍ୱବିଦ୍ୟାଲୟର୍ ପ୍ରଫେସର୍ ଧରଣୀଧର ଡାଙ୍ଗ ଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍କୁ ସମ୍ବୋଧିତ୍ କରିଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍କୁ ଭିନ୍ ଭିନ୍ ପ୍ରତିଯୋଗିତା ଲାଗି ପୁରସ୍କୃତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ମହୋତ୍ସବ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ରାମେଶ୍ୱର୍ ଷ୍ଟାଡ଼ିୟମ୍ ନ ସୁବର୍ଣ୍ଣପୁର୍ ମହୋତ୍ସବ୍ -ମହିମା -୨୦୨୬ ଆଉ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳାଥି ଜିଲ୍ଲାର୍ କୁଟୀର ଶିଳ୍ପର୍ ଥିତି ଆଉ ସମ୍ଭାବନା ବାବ୍‌ଦେ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ସର୍କାରୀସ୍ତର୍ ନ ମୃତିକା ଶିଳ୍ପକେ ଗୁଟେ ଉଦ୍ୟୋଗ୍ ଭାବେ ବିକାଶ୍ କର୍‌ବାର୍ ଲାଗି ଚେରେଷ୍ଟା ଚାଲିଥିବାର୍ ବାବ୍‌ଦେ ଅତିଥି ମାନେ ମତ ରଖିଥିଲେ ।

ପାଣି ପଂଚାୟତ୍ ପକ୍ଷ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କର୍‌ଡ଼ି ଗ୍ରାମ୍ ପଂଚାୟତ୍ ଠାନେ ଉଠା ଜଲ୍‌ସେଚନ୍ ବିଭାଜନ୍ ତର୍‌ଫୁ ପାଣି ପଂଚାୟତ୍ ପକ୍ଷ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲା ନ ଉଠା ଜଲ୍‌ସେଚନ୍‌ର ସଫଲ୍ କାର୍ଯ୍ୟକାରିତା ଲାଗି ବହୁତ୍ ଜମିନ୍‌କେ ପାଏନ୍ ମଡ଼ାଯାଇପାରୁଛେ ବଲି କହିଥିଲେ ।

ସଚେତନତା କାର୍ଯ୍ୟକ୍ରମ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍ଫୁ ଏଚ୍. କଟାପାଲି ଗାଁ ନ ବାଲ୍ୟବିବାହ ବନ୍ଦ୍ କର୍‌ବାର୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଆଉ ଦୌରାଜଜ୍ ଆଉ ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର୍ ନାୟକ୍ ଯୋଗ୍ ଦେଇକରି ବାଲ୍ୟବିବାହ ବାବଦ୍ ଭିନ୍ ଭିନ୍ ଆଇନ୍ ବିଷେଥି ଆଲୋଚନା କରିଥିଲେ ।

ପୁଷ୍ପ ପ୍ରଦର୍ଶନୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଏକାମ୍ର କାନନ ଠାନେ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ - ୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ପ୍ରଦର୍ଶନୀକେ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଗବେଷଣା କ୍ଷେତ୍ରଥି ଅଏତ୍‌କା ଉନ୍ନତି ଲାଗି ଉଦ୍ଭିଦ ସମ୍ପଦ କେନ୍ଦ୍ର ତର୍ଫୁ ୪ ଟା ସଂସ୍ଥା ସାଙ୍ଗେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪

ଘଂଟା ଭିତ୍‌ରେ ଶୀତ୍ ବଢ଼୍‌ବାର୍‌କେ ନେଇକରି ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଅନୁଗୁଲ୍ ଆଉ ଢେଙ୍କାନାଲ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଗଲାକାଏଲ୍ ରାଜ୍ୟର୍ ୨୮ ଟା ସହରର୍ ରାତିର୍ ତାପମାତ୍ରା ୧୦ ଡିଗ୍ରୀ ତଲେ ରହିଥିଲା ।